# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୧.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତି ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ସେକ୍ ନୁରହାସନ୍,
୭. ଶ୍ରୀ ଶ୍ରୀଧର ବେହେରା

ଅଦ୍ୟ ତା ୧୭.୦୧.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ପୋଖରୀରେ ଶୁଦ୍ଧକ୍ରିୟା କାର୍ଯ୍ୟ ହେଉଅଛି, କିନ୍ତୁ ଶୁଦ୍ଧକ୍ରିୟା କାର୍ଯ୍ୟ କରିବା ପାଇଁ ଜନସାଧାରଣଙ୍କ ନିମନ୍ତେ ସୁବିଧା ନାହିଁ । ସେଥି ମଧ୍ୟରୁ ୧୩ ଗୋଟି ପୋଖରୀରେ ଶୁଦ୍ଧକ୍ରିୟା ତୁଠ କାର୍ଯ୍ୟ ଚାଲୁଅଛି ବୋଲି ବୈଠକରେ ଉପସ୍ଥିତ ଥିବା ନଗର ଯନ୍ତ୍ରୀ କମିଟିଙ୍କୁ ଅବଗତ କରାଇଥିଲେ । ଏହି ୧୩ ଗୋଟି ପୋଖରୀର ଶୁଦ୍ଧକ୍ରିୟା ତୁଠ ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ । ଯଦି ଅନ୍ୟ କୌଣସି ପୋଖରୀ କିମ୍ବା ଜଳାଶୟ ଗୁଡ଼ିକରେ ଶୁଦ୍ଧକ୍ରିୟା କାର୍ଯ୍ୟ ହେଉଥିବା ଦୃଷ୍ଟିଗୋଚର ହୁଏ ତେବେ ସେହି ପୋଖରୀ ଗୁଡ଼ିକରେ ଶୁଦ୍ଧକ୍ରିୟା ତୁଠ ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ମନ୍ଦିର ଓ ମସ୍‌ଜିଦ୍ ପାଖରେ ଯେଉଁ ପୋଖରୀ ଅଛି ତାହାର ପୁନଃଉଦ୍ଧାର କାର୍ଯ୍ୟ କରାଯାଉ ଏବଂ ଯେଉଁଠାରେ ପୋଖରୀ ନାହିଁ ସେଠାରେ ଗୋଡ଼ ଓ ହାତ ଧୋଇବା ପାଇଁ ଜଳାଶୟ ବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜାଗା ମିଶନ/ ଉନ୍ନୟନମୂଳକ କାର୍ଯ୍ୟ ହେବା ପୂର୍ବରୁ ଲ୍ୟାଣ୍ଡ୍ ଉପବିଭାଗରୁ Land clearance ଆଣିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଜାଗା ମିଶନ୍ କାର୍ଯ୍ୟ ସମ୍ପାଦନ କରିବା ସମୟରେ ଅସୁବିଧା ସୃଷ୍ଟି ହେଉଅଛି, ତେଣୁ କେଉଁ ୱାର୍ଡ଼ରେ କେଉଁ ବସ୍ତି ରହିଅଛି ତାହାର ତଥ୍ୟ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ମାନଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୧୭.୦୧.୨୦୨୩ ରିଖ